# ହରିଶ୍ଚନ୍ଦ୍ର ସହାୟତା ଯୋଜନା କେତୋଟି ପ୍ରଶ୍ନ ଓ ଉତ୍ତର

( ସର୍ବସାଧାରଣଙ୍କ ଅବଗତି ପାଇଁ )

୧ ପ୍ରଶ୍ନ - ହରିଶ୍ଚନ୍ଦ୍ର ସହାୟତା ଯୋଜନା କ'ଣ ଓ ଏହା କେବେଠାରୁ କାର୍ଯ୍ୟକାରୀ ହୋଇଛି ?

ଉ- ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ କୌଣସି ଗରିବ ଓ ଅସହାୟ ଶ୍ରେଣୀର ବ୍ୟକ୍ତିଙ୍କର ମୃତ୍ୟୁ ହେଲେ ଶବ ସଂସ୍କାର କରିବା ନିମନ୍ତେ ହରିଶ୍ଚନ୍ଦ୍ର ସହାୟତା ଯୋଜନା କରାଯାଇଛି । ଏହି ଯୋଜନା ୨୦୧୩ ମସିହା ଅଗଷ୍ଟ ମାସରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ଦ୍ୱାରା କାର୍ଯ୍ୟକାରୀ କରାଯାଉଛି ।

୨ ପ୍ରଶ୍ନ- ଏହି ସହାୟତା କେଉଁମାନେ ପାଇପାରିବେ ?

ଉ- ଏହି ସହାୟତା ଜାତି , ଧର୍ମ , ବର୍ଣ୍ଣ ନିର୍ବିଶେଷରେ ମୃତ୍ୟୁ ବରଣ କରିଥିବା ସମସ୍ତ ଗରିବ ଓ ଅସହାୟ ବ୍ୟକ୍ତିଙ୍କ ପରିବାର ସଭ୍ୟମାନେ ପାଇପାରିବେ ।

୩ ପ୍ରଶ୍ନ- ଏହି ଯୋଜନାରେ କେତେ ଟଙ୍କା ଆର୍ଥିକ ସହାୟତା ମିଳିବା ପାଇଁ ବ୍ୟବସ୍ଥା ଅଛି ?

ଉ- ଏହି ଯୋଜନାରେ ଶବ ସଂସ୍କାର କରିବା ନିମନ୍ତେ ଗ୍ରାମାଞ୍ଚଳରେ ୨୦୦୦ ଟଙ୍କା ଏବଂ ସହରାଞ୍ଚଳରେ ୩୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବା ନିମନ୍ତେ ବ୍ୟବସ୍ଥା କରାଯାଇଛି ।

୪ ପ୍ରଶ୍ନ- ଏହି ସହାୟତା କିଏ ପ୍ରଦାନ କରିବେ ?

ଉ- ଏହି ସହାୟତା ଗ୍ରାମାଞ୍ଚରେ ସରପଞ୍ଚ ଓ ସହରାଞ୍ଚଳରେ ପୌରପାଳିକା ଅଧ୍ୟକ୍ଷ / ଅଧ୍ୟକ୍ଷା / ମେୟରମାନେ ପ୍ରଦାନ କରିବେ ।

୫ ପ୍ରଶ୍ନ- ଏଥିପାଇଁ କୌଣସି ଦରଖାସ୍ତ ଓ ପ୍ରମାଣ ପତ୍ରର ଆବଶ୍ୟକରତା ଅଛି କି ?

ଉ- ନା ଏହି ସହାୟତା ପାଇବା ନିମନ୍ତେ ମୃତ୍ୟୁ ବରଣ କରିଥିବା ଗରିବ ଓ ଅସହାୟ ବ୍ୟକ୍ତିଙ୍କର ପରିବାର ବର୍ଗଙ୍କ ଠାରୁ କୌଣସି ଦରଖାସ୍ତ କିମ୍ବା ପ୍ରମାଣପତ୍ରର ଆବଶ୍ୟକତା ନାହିଁ ।

୬ ପ୍ରଶ୍ନ- ଏହି ସହାୟତା ପାଇବା ପାଇଁ ଆର୍ଥିକ ମାନଦଣ୍ଡ ଓ ଅନ୍ୟ କେଉଁ ଯୋଗ୍ୟତାର ଅବଶ୍ୟକାତା ଅଛି କି ?

ଉ – ଏହି ସହାୟତା ମୃତ୍ୟୁ ବରଣ କରିଥିବା ଗରିବ ଓ ଅସହାୟ ବ୍ୟକ୍ତିଙ୍କର ପରିବାର ବର୍ଗଙ୍କୁ ହିଁ ଯୋଗାଇ ଦିଆଯାଇଥାଏ । ଏଥିପାଇଁ ଅନ୍ୟ କୌଣସି ପ୍ରମାଣପତ୍ରର ଆବଶ୍ୟକତା ନାହିଁ ।

୭ ପ୍ରଶ୍ନ- ଏହା ମୃତ୍ୟୁର କେତେଦିନ ଭିତରେ ମିଳିଥାଏ ?

ଉ – ଶବ ସଂସ୍କାର କରିବା ନିମନ୍ତେ ଏହି ସାହାଯ୍ୟ ଦିଆଯାଇଥାଏ । ତେଣୁ ସରପଞ୍ଚ / ପୌରପାଳିକା ଅଧ୍ୟକ୍ଷ / ଅଧ୍ୟକ୍ଷା ମେୟରମାନେ ଏ ସାହାଯ୍ୟ ତୁରନ୍ତ ମଞ୍ଜୁରୀ କରିବାର ଆବଶ୍ୟକତା ରହିଛି ।

୮ ପ୍ରଶ୍ନ- ଏହି ସହାୟତା ପାଇବା ପାଇଁ କଣ କରିବାକୁ ପଡିବ ?

ଉ – ଏହି ସହାୟତା ଗ୍ରାମାଞ୍ଚରେ ସରପଞ୍ଚ ଓ ସହରାଞ୍ଚରେ ପୌରପାଳିକା ଅଧ୍ୟକ୍ଷ / ଅଧ୍ୟକ୍ଷା / ମେୟରଙ୍କ ଦ୍ୱାରା ମୃତ୍ୟୁ ସୂଚନା ପାଇବା ସଙ୍ଗେ ସଙ୍ଗେ ବିନା ଦରଖାସ୍ତରେ ଦିଆଯିବା ଦରକାର ।

୯ ପ୍ରଶ୍ନ- ଶବ ସତ୍କାର ପାଇଁ ପୁରୀ ସ୍ୱର୍ଗଦ୍ୱାର ଯାଉଥିବା ପରିବାର କେଉଁଠାରୁ ସହାୟତା ପାଇବେ ?

ଉ – ଶବ ସତ୍କାର ପାଇଁ ପୁରୀ ସ୍ୱର୍ଗଦ୍ୱାର ଯାଉଥିବା ପରିବାର ସ୍ୱର୍ଗଦ୍ୱାରଠାରେ ପୁରୀ ନଗରପାଳିକା ଦ୍ୱାରା ଖୋଲାଯାଇଥିବା କେନ୍ଦ୍ରରେ ଟଙ୍କା ବଦଳରେ ଅବଶ୍ୟକିୟ ସାମଗ୍ରୀ ପାଇପାରିବେ ।

୧୦ ପ୍ରଶ୍ନ- ଶବଦାହ ନିମନ୍ତେ ସମ୍ପୃକ୍ତ ପଞ୍ଚାୟତ ଓ ପୁରୀ ସ୍ୱର୍ଗଦ୍ୱାର ଦ୍ୱୟରୁ କେଉଁଠାରୁ ସହାୟତା ମିଳିବ ?

ଉ – ଶବଦାହ ନିମନ୍ତେ ଦାହ କରାଯାଇଥିବା ଗୋଟିଏ ସ୍ଥାନରେ ସହାୟତା ମିଳିପାରିବ ।

*****